ପାଠ-୧୮

# ବରଷା



ଅନେକ ଦିନ ଧରି ବରଷା ହୋଇନଥାଏ । ନଈ, ନାଳ, ପୋଖରୀ ଓ ଗାଡ଼ିଆର ପାଣି ଶୁଖି ଯାଇଥାଏ । ଠେକୁଆ, କୋଇଲି, କପୋତ, ବେଙ୍ଗ, ବେଙ୍ଗୁଲୀ, କପୋତୀ, କୁକୁର, କାଉ, ଓଧ ଓ କୋକିଶିଆଳ ପାଣି ପାଇଁ କଲବଲ ହେଲେ । ଶୋଷରେ ଓଠ ପାଟି ଶୁଖି ଯାଉଥାଏ । ଆତୁର ହୋଇ ମେଘକୁ ପାଣି ମାଗିଲେ ।



ଗାଇଲେ...

କାଉ ଡାକିଲା କାଆ କାଆ,
ବରଷା ରାଣୀ ଆ ଆ ।
ହୁକେ ହୋ ବିଲୁଆ ନନା,
ବରଷା ରାଣୀ ତୁ ଆମକୁ ଅନା ।
ଶେଷରେ ଡାକିଲା ବେଙ୍ଗୁଲୀ ରାଣୀ,
ମେଘରୁ ଝରିଲା ବରଷା ପାଣି ।

# ଅଭ୍ୟାସ

୧. 'ଓ' ଅକ୍ଷର ଥିବା ଶବ୍ଦକୁ 'ଓ'ରୁ ଗାର ଟାଣିବା ।

'ଓ' ଭଳି ଉଚ୍ଚାରଣ ହେଉଥିବା ଶବ୍ଦ ତଳେ ଗାର ଟାଣିବା




୨. ଶବ୍ଦରେ ଥିବା 'ଓ' ଅକ୍ଷରଗୁଡ଼ିକୁ ଗାର ଟାଣି ଯୋଡ଼ିବା ।

'ୋ' ଯୁକ୍ତ ଶବ୍ଦକୁ ଗାର ଟାଣି ଯୋଡ଼ିବା ।

ଓଧ

ଓଉ

ସେଓ



ରୋଗ

ଭୋକ

ଯୋଗ

ତୋରଣ

୩. ଚିତ୍ର ସହ ବାକ୍ୟ ଯୋଡ଼ିବା ଓ ବାକ୍ୟ ଗଢ଼ିବା ।



ଭୋ ଭୋ କରେ ।

କା କା କରେ ।

ହୁକେ ହୋ କରେ ।

୪. କ) ଆଗେ କିଏ ବରଷାକୁ ଡାକିଲା ?

ଖ) ଶେଷରେ କିଏ ଡାକିଲା ?

ଗ) ମଝିରେ କିଏ ବରଷାକୁ ଡାକିଲା ?

୫.



ବିଲେଇ ନାନୀର ବାହାଘର ପାଇଁ ବାଘ, ଶୃଗାଳ, ହାତୀ, କୁକୁର, ଗୁଣ୍ଡୁଚିମୂଷା, ଶୁଆ, ପାରା ଓ କୁଆ ବାହାରିଲେ ।

ଏବେ କହ– ଯଦି ପ୍ରଥମେ ହାତୀ ରହିବ ଓ ସବା ଶେଷରେ ଗୁଣ୍ଡୁଚି ମୂଷା ରହିବ, ତେବେ ହାତୀ ପରେ ବଡ଼ରୁ ସାନ କ୍ରମରେ କିଏ ସବୁ ରହିବେ ?

୬. ଛବି ଦେଖି କହିବା ।



(କ) ପ୍ରଥମେ କିଏ ଅଛି ?

(ଖ) ଶେଷରେ କିଏ ଅଛି ?

(ଗ) ମଝିରେ କେଉଁମାନେ ଅଛନ୍ତି ?

(ଘ) କାହାର ପୂର୍ବରୁ କିଏ ? କାହାର ପରେ କିଏ ?

(ଙ) ହାତୀ ଓ ଶୃଗାଳ ମଝିରେ କିଏ ଅଛି ?

(ଚ) କୁକୁର ଓ କାଉ ମଝିରେ କିଏ ଅଛି ?

୭. ପୂର୍ବ ଓ ପର ସଂଖ୍ୟାକୁ ଖାଲି ଘରେ ଲେଖିବା ।

| | |
|---|---|
| ୩ | ୪ |
| ୨ | |
| | ୭ |
| ୮ | |
| | ୮ |
| | ୬ |
| ୬ | |
| ୭ | |

| | | |
|---|---|---|
| ୨ | | ୪ |
| ୬ | ୭ | |
| ୪ | ୫ | |
| | ୮ | ୯ |
| ୧ | ୨ | |
| | | ୫ |
| | ୭ | |
| | ୬ | |

୮. କ) ଛବିଗୁଡ଼ିକରୁ ବରଷାଋତୁର ପୋଷାକ ଓ ଶୀତଋତୁର ପୋଷାକକୁ ଗାର ଟାଣି ଯୋଡ଼ିବା ।










ଖ) କାହା ପାଖରେ କିଏ ଲାଗିବ ଗାର ଟାଣି ଯୋଡ଼ିବା ।

ଯେପରି–

| | |
|---|---|
| ଗାଈ ———————— | ହମ୍ବା ହମ୍ବା କରେ |
| ହାତୀ | ଘାସ ଖାଏ |
| ହରିଣ | ହୁକେ-ହୋ କରି ରଡ଼ି ଛାଡ଼େ |
| ବିଲୁଆ | ଭୋ ଭୋ କରେ |
| କୁକୁର | ଧୀରେ ଧୀରେ ଚାଲେ |

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ପାଠଟି ୨/୩ ଥର ଚିତ୍ର ଦେଖି ପଢ଼ାଯିବ ।
- ପୂର୍ବପରି ଶିକ୍ଷାର୍ଥୀ 'ଓ' ଅକ୍ଷର ଚିହ୍ନିବ ଓ 'ଓ'କାର ମାତ୍ରା ଚିହ୍ନି ତା'ର ବ୍ୟବହାର କରିବ ।
- ଅଭ୍ୟାସ ୧, ୨, ୩, ୪, ୫ ପରି ଅଧିକ ଅଭ୍ୟାସ ଦିଆଯିବ । 'ଓ' ଓ 'ୋ'କାର ଥିବା ଶବ୍ଦଗୁଡ଼ିକର ପଠନ ଓ ଲିଖନର ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ ।
- ଅଭ୍ୟାସ ୮ ଆଲୋଚନା ବେଳେ ସେମାନଙ୍କର ନିଜ ଅଞ୍ଚଳର କି ପ୍ରକାର ବର୍ଷାଦିନିଆ ପୋଷାକ ବ୍ୟବହାର କରାଯାଏ ଆଲୋଚନା କରିବେ ।
- ଶିକ୍ଷାର୍ଥୀମାନେ ଏହିପାଠ ପଢ଼ିବା ପର୍ଯ୍ୟନ୍ତ ଶିଖିଥିବା ଅକ୍ଷରଗୁଡ଼ିକୁ ନେଇ ଶବ୍ଦ ଗଠନ କରି ପଢ଼ିବାର ଓ ଲେଖିବାର ଅଭ୍ୟାସ କରିବେ ।
- ୨୨ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କୁ 'ଓ' ଓ 'ଓ' କାର (ୋ) ଚିହ୍ନିବା, ପଢ଼ିବା, ଲେଖିବା, ପୂର୍ବବର୍ତ୍ତୀ - ମଧ୍ୟବର୍ତ୍ତୀ - ପରବର୍ତ୍ତୀ ସଂଖ୍ୟାର ଧାରଣା ପାଇବା, ବର୍ଷାଋତୁରେ ବ୍ୟବହୃତ ପୋଷାକକୁ ଜାଣିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ ।